# NATIONAL NEWS BULLETIN (ODIA)

## 25 September - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ତିନିଦିନିଆ ଆମେରିକା ଗସ୍ତ ଶେଷ କରି ଭାରତ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଜାମ୍ମୁ କାଶ୍ମୀର ୨୬ଟି ବିଧାନସଭା ମଣ୍ଡଳୀ ପାଇଁ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ମତଗ୍ରହଣ ।

- ପଞ୍ଜାବ ମେଡିକାଲ୍ କଲେଜ୍‌ରେ ପ୍ରବାସୀ ଭାରତୀୟ କୋଟା ବୃଦ୍ଧିକୁ ନାପସନ୍ଦ କଲେ ସୁପ୍ରିମ୍‌କୋର୍ଟ ।

- ଶ୍ରୀଲଙ୍କା ସଂସଦକୁ ଭଙ୍ଗ କଲେ ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟେକ ।

ଏବଂ

- ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରେ ଲାଗି ରହିଛି ବର୍ଷା, ସ୍ଥିତି ଆଉ ଦୁଇ ତିନି ଦିନ  ଜାରି ରହିବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ ।

# ପ୍ରଧାନମନ୍ତ୍ରୀ-ନୂଆଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ଦିନିଆ ଆମେରିକା ଗସ୍ତ ଶେଷ କରି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।  ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଡେଲୱାରେର ୱିଲ୍‌ମିଂଟନ୍ ଠାରେ ଷଷ୍ଠ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ।  ଜାତିସଂଘ ସାଧାରଣ ପରିଷଦର ନ୍ୟୁୟର୍କ ଠାରେ ଅନୁଷ୍ଠିତ ଭବିଷ୍ୟତର ସମ୍ମିଳନୀକୁ ସମ୍ବୋଧନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅନ୍ୟ କ୍ୱାଡ୍ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀଙ୍କ ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ନ୍ୟୁୟର୍କ ଠାରେ ଭାରତୀୟ ସମୁଦାୟ ଏବଂ ଆମେରିକାର ବିଭିନ୍ନ ଅଗ୍ରଣୀ କମ୍ପାନୀର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ବୈଠକରେ ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନସ୍କି ଏବଂ ଆର୍‌ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାସ୍‌ନିୟାନ୍‌ଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ ।

# ଜାମ୍ମୁ କାଶ୍ମୀର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୨୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମତଗ୍ରହଣ କରାଯାଉଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଅଧିକରୁ ଅଧିକ ମତଦାତାଙ୍କୁ ଉତ୍ସାହିତ କରିବା ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ଲକ୍ଷ୍ୟରେ ନିର୍ବାଚନ ଆୟୋଗ ଏହି ପର୍ଯ୍ୟାୟରେ ମୋଟ୍ ୩ ହଜାର ୫୦୨ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରିଛନ୍ତି । ସେଥିମଧ୍ୟରୁ ସହରାଞ୍ଚଳରେ ୧ ହଜାର ୫୬ଟି ଏବଂ ଗ୍ରାମାଞ୍ଚଳରେ ୨ ହଜାର ୪୪୬ଟି ମତଦାନ କେନ୍ଦ୍ର ଅନ୍ତର୍ଭୁକ୍ତ । ମତଗ୍ରହଣ ପରେ ଇ.ଭି.ଏମ୍. ଗୁଡ଼ିକୁ ୨୪ ଘଣ୍ଟିଆ ଡିଜିଟାଲ୍ ସର୍ଭେଲାନ୍ସ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯିବ । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯାଇଛି । ଆଜିର ମତଦାନରେ ନ୍ୟାସନାଲ୍ କନ୍‌ଫରେନ୍ସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କଂଗ୍ରେସ ରାଜ୍ୟ ମୁଖ୍ୟ ତାରିକ୍ ହମିଦ କ୍ୱାରା, ଜମ୍ମୁ କଶ୍ମୀର ବିଜେପି ସଭାପତି ରବୀନ୍ଦ୍ର ରୈନା, ଅପନି ପାର୍ଟି ସଭାପତି ସୟଦ ଅଲତାଫ ବୁଖାରୀ ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ । ପ୍ରାୟ ୨୫ ଲକ୍ଷ ୭୮ ହଜାରରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଗତ ୧୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୪ଟି ବିଧାନସଭା ମଣ୍ଡଳୀ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା । ତୃତୀୟ ପର୍ଯ୍ୟାୟ ଆସନ୍ତା ପହିଲାରେ ୪୦ଟି ଆସନ ପାଇଁ ମତଗ୍ରହଣ କରାଯିବ । ଅକ୍ଟୋବର ୮ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ମୋଦୀ ୩.୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ମେଣ୍ଟ ସରକାରଙ୍କ ତୃତୀୟ ପାଳିର ପ୍ରଥମ ୧୦୦ ଦିନ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଭିତ୍ତିଭୂମି, କୃଷକ, ମଧ୍ୟବିତ୍ତ, ମହିଳା ଏବଂ ଯୁବବର୍ଗଙ୍କୁ ଗୁରୁତ୍ୱ ପ୍ରଦାନ କରି ୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଆମ ଆକାଶବାଣୀ ପ୍ରତିନିଧି କହିଛନ୍ତି, ଦକ୍ଷତା ବୃଦ୍ଧି ଓ ରୋଜଗାର ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ଅଧୀନରେ ୨ ଲକ୍ଷ କୋଟି ଟଙ୍କା ଘୋଷଣା କରାଯାଇଛି । ଏହାଦ୍ୱାରା ଦେଶର ୪ କୋଟିରୁ ଅଧିକ ଯୁବବର୍ଗ ଉପକୃତ ହେବେ ।

ପ୍ରଶ୍ନପତ୍ର ଲିକ୍ ରୋକିବା ଏବଂ ନିଯୁକ୍ତିରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା (ଅନ୍ୟାୟ ମାଧ୍ୟମ ନିବାରଣ) ଆଇନ୍‌କୁ କାର୍ଯ୍ୟକାରୀ କରାଯାଇଛି । ଏହି ସମୟସୀମା ମଧ୍ୟରେ ୧୦ ହଜାର ୬୦୦ କୋଟି ଟଙ୍କାର ବିଜ୍ଞାନଧାରା ଯୋଜନା ଅନୁମୋଦିତ ହୋଇଛି । ଏହାଦ୍ୱାରା ଦେଶର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ ଇକୋ ସିଷ୍ଟମ୍ ଅଧିକ ସୁଦୃଢ଼ ହୋଇପାରିବ । ମାଦକଦ୍ରବ୍ୟ ପଦାର୍ଥ ସେବନ ଏବଂ କାରବାରକୁ ରୋକିବା ଲାଗି ମାନସ ହେଲ୍ପଲାଇନ୍ ନମ୍ବର ୧୯୩୩ର ପ୍ରଚଳନ କରାଯାଇଛି । ଏହାର ସାହାଯ୍ୟ ନେଇ ନାଗରିକମାନେ ନିଶାମୁକ୍ତି ଉପରେ ପରାମର୍ଶ ଗ୍ରହଣ କରିବା ସହ ଏହାର କାରବାର ବିଷୟରେ ରିପୋର୍ଟ୍

ପ୍ରଦାନ କରିପାରିବେ । ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ତୃତୀୟ ପାଳିର ପ୍ରଥମ ବଜେଟ୍‌ରେ ସରକାର ପୁଞ୍ଜି ବ୍ୟୟକୁ ୧୧ ଦଶମିକ୍ ୧/୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ଏହି ସମୟସୀମା ମଧ୍ୟରେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ପାଇଁ ୧୫ ହଜାର ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ସୁପ୍ରିମ୍‌କୋର୍ଟ୍-ପଞ୍ଜାବ ଏନ୍‌ଆର୍‌ଆଇ କୋଟା

ପଞ୍ଜାବର ମେଡିକାଲ୍ କଲେଜ୍ ଗୁଡ଼ିକରେ ପ୍ରବାସୀ ଭାରତୀୟ ଏନ୍.ଆର୍.ଆଇ. କୋଟା ବୃଦ୍ଧିକୁ ସୁପ୍ରିମ୍‌କୋର୍ଟ୍ ନାପସନ୍ଦ କରିଛନ୍ତି । ଏହାକୁ ଏକ ଠକେଇ ବୋଲି ଅବିହିତ କରି ସୁପ୍ରିମ୍‌କୋର୍ଟ୍ କହିଛନ୍ତି, ଏଭଳି ପଦକ୍ଷେପ ମେଧାବି ଛାତ୍ରଛାତ୍ରୀଙ୍କ ନ୍ୟାର୍ଯ୍ୟ ଦାବିକୁ ବାଧା ପହଞ୍ଚାଇବା ସହ ଅଯୋଗ୍ୟଙ୍କୁ ସୁବିଧା ପ୍ରଦାନ କରିଥାଏ । ପଞ୍ଜାବ ଏବଂ ହରିଆନା ହାଇକୋର୍ଟ୍ ପଞ୍ଜାବ ସରକାରଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତିକୁ ରଦ୍ଦ କରିଥିଲେ । ଏହା ବିରୋଧରେ ଆଗତ ଆବେଦନ ଗୁଡ଼ିକୁ ସୁପ୍ରିମ୍‌କୋର୍ଟ୍ ଖାରଜ କରିଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏମ୍.ବି.ବି.ଏସ୍.ରେ ନାମ ଲେଖା ପାଇଁ ଗତମାସ ୨୦ ତାରିଖରେ ପ୍ରବାସୀ ଭାରତୀୟଙ୍କ ସଂଶୋଧିତ ସଂଜ୍ଞା ସଂକ୍ରାନ୍ତ ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି । ଏହା ପୂର୍ବରୁ ପଞ୍ଜାବ ଏବଂ

ହରିଆଣା ହାଇକୋର୍ଟ୍ ଗତ ୧୧ ତାରିଖରେ ଏହି ବିଜ୍ଞପ୍ତିକୁ ଖାରଜ କରିବା ସହ ଏହାକୁ ଅନାବଶ୍ୟକ ବୋଲି ଦର୍ଶାଇଥିଲେ ।

## ଶ୍ରୀଲଙ୍କା ସଂସଦ

ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକ ଗତକାଲି ବିଳମ୍ବିତ ରାତିରେ ସଂସଦକୁ ଭଙ୍ଗ କରିଛନ୍ତି । ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆସନ୍ତା ନଭେମ୍ବର ୧୪ ତାରିଖରେ ନିର୍ବାଚନ ପାଇଁ ଘୋଷଣା କରାଯାଇଛି । ଏଥିପାଇଁ ଆସନ୍ତାମାସ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି ।

ସୂଚନା ଯୋଗ୍ୟ ଏକ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱୀତାରେ ଶ୍ରୀ ଦିଶାନାୟକ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କର ନ୍ୟାସନାଲ୍ ପିପୁଲ୍ସ ପାୱାର୍ ମେଣ୍ଟର ମାତ୍ର ୩ ଜଣ ସଦସ୍ୟ ଏବେ ସଂସଦରେ ଅଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଡକ୍ଟର ହରିନୀ ଅମରାସୁରିୟା ଏବଂ ଅନ୍ୟ ଦୁଇ ଜଣ କ୍ୟାବିନେଟ୍ ସଦସ୍ୟ ଅନ୍ତର୍ଭୁକ୍ତ ।

## ଉପରାଷ୍ଟ୍ରପତି-ୟୁପି ବାଣିଜ୍ୟ ମେଳା

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଉତ୍ତରପ୍ରଦେଶର ଗ୍ରେଟର ନୋଇଡା ଠାରେ ଆରମ୍ଭ ହେଉଥିବା ଆନ୍ତର୍ଜାତିକ ବାଣିଜ୍ୟ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟନ କରିବେ । ୫ଦିନ ଧରି ଅନୁଷ୍ଠିତ ହେବାକୁ

ଥିବା ଏହି କାର୍ଯ୍ୟକ୍ରମକୁ ଆସନ୍ତା ୨୯ ତାରିଖରେ ଉଦ୍‌ଯାପିତ ହେବ । ଏଥିରେ ଉତ୍ତରପ୍ରଦେଶର ବାଣିଜ୍ୟ ଓ ସଂସ୍କୃତି ପ୍ରଦର୍ଶନ କରାଯିବ । ଭିଏତ୍‌ନାମକୁ ଭାରତର ଏକ ବାଣିଜ୍ୟ ସହଯୋଗୀ ରାଷ୍ଟ୍ର ଭାବେ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯିବାକୁ ବ୍ୟବସ୍ଥା କରାଯାଇଛି ।

ସୂଚନା ଯୋଗ୍ୟ ଗତବର୍ଷ ଆୟୋଜିତ ପ୍ରଥମ ସଂସ୍କରଣକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ ।

## ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉଜ୍‌ବେକିସ୍ତାନର ନିବେଶ, ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରୀ ଲାଜିଜ୍ କୁଡ୍ରାତୋଭ୍‌ଙ୍କ ସହ ସମରକନ୍ଦ ଠାରେ ସାକ୍ଷାତ ଆଲୋଚନା କରିଛନ୍ତି । ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କ୍ ଏ.ଆଇ.ଆଇ.ବି.ର ବୋର୍ଡ୍ ଅଫ୍ ଗଭର୍ଣ୍ଣସ୍ ବାର୍ଷିକ ବୈଠକ ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ହୋଇଛି । ଅକ୍ଷୟ ଶକ୍ତି, ସାର ଏବଂ ଔଷଧ କ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ କହିଛି, ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ହୋଇଛି । ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି । ରୁପେ କାର୍ଡ ଏବଂ ୟୁ.ପି.ଆଇ. ବ୍ୟବସ୍ଥା ସମେତ ଭାରତର ଡିଜିଟାଲ୍ ପେମେଣ୍ଟ କାର୍ଯ୍ୟକ୍ରମ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଶ୍ରୀ

କୁଡ୍ରାତୋଭ୍ ଭାରତର ଅଭିବୃଦ୍ଧିକୁ ପ୍ରଶଂସା କରିବା ସହ ଦ୍ୱିପାକ୍ଷିକ ବାଣିଜ୍ୟ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବିଏସ୍ଏଫ୍-ବିଜିବି ଆଲୋଚନା

ଭାରତକୁ ବେଆଇନ୍ ଭାବେ ବାଂଲାଦେଶୀଙ୍କ ଅନୁପ୍ରବେଶ ଏବଂ ସୀମାସୁରକ୍ଷା ବାହିନୀର ଯବାନକୁ ଅପହରଣ ନେଇ ଭାରତୀୟ ସୀମା ସୁରକ୍ଷା ବାହିନୀ ବାଂଲାଦେଶ ପାଖରେ ପ୍ରତିବାଦ କରିଛି । ଭାରତର ଦିନାଜପୁର ଅଞ୍ଚଳର ବୀରାଲ ସୀମା ନିକଟରେ ନିୟମିତ ପେଟ୍ରୋଲିଂ କରୁଥିବା ବି.ଏସ୍.ଏଫ୍. ଯବାନଙ୍କୁ ବାଂଲାଦେଶ ସୀମା ସୁରକ୍ଷା ବାହିନୀ ଅପହରଣ କରିନେଇଥିଲେ । ୧୫ରୁ ୨୦ ଜଣ ଭାରତ ସୀମାରେ ଅନୁପ୍ରବେଶ କରି ସେମାନଙ୍କୁ ବଳପୂର୍ବକ ବାଂଲାଦେଶ ଦେଇ ବର୍ଡର ଗାର୍ଡ୍ ଅଫ୍ ବାଂଲାଦେଶ (ବି.ଜି.ବି.) ହେପାଜତରେ ରଖିଥିଲେ । ବି.ଏସ୍.ଏଫ୍. ଏବଂ ବି.ଜି.ବି.ର ସେକ୍ଟର କମାଣ୍ଡରଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ପରେ ବାଂଲାଦେଶ ଅପହୃତ ବି.ଏସ୍.ଏଫ୍. ଯବାନଙ୍କୁ ମୁକ୍ତ କରିଛି । ବି.ଏସ୍.ଏଫ୍. ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଅପହୃତ ଯବାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି । ଏଭଳି ପରିସ୍ଥିତିରୁ ଦୂରେଇ ରହିବା ପାଇଁ ବି.ଏସ୍.ଏଫ୍. ବାଂଲାଦେଶ ସୀମା ସୁରକ୍ଷା ବାହିନୀ ବି.ଜି.ବି.କୁ ପରାମର୍ଶ ଦେଇଛି । ସମସ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବି.ଏସ୍.ଏଫ୍. ବି.ଜି.ବି.ର ସହଯୋଗ ଲୋଡ଼ିଛି ।

## ଝାଡ଼ଖଣ୍ଡ-ଶିବରାଜ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ହେମନ୍ତ ସୋରେନ ସରକାର ରାଜ୍ୟରେ ଯୁବକଙ୍କୁ ରୋଜଗାର ମାଧ୍ୟମ ଯୋଗାଇବାରେ ବିଫଳ ହୋଇଛନ୍ତି । ବୋକାରୋ ଠାରେ ଗତକାଲି ପରିବର୍ତ୍ତନ ରାଲିକୁ ସମ୍ବୋଧନ କରି ଶ୍ରୀ ଚୌହାନ କହିଛନ୍ତି, ରାଜ୍ୟରେ ଖାଲି ପଡ଼ିଥିବା ୨ଲକ୍ଷ ୭୫ ହଜାର ପଦବୀକୁ ପୂରଣ କରିବା ପାଇଁ ପଦକ୍ଷେପ ନିଆଯିବ । ନିର୍ବାଚନ ପରେ ବିଜେପି ସରକାର ଗଠନ ହେଲେ ପ୍ରଥମ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଜେପି ଯୁବକଙ୍କୁ ବିଭ୍ରାନ୍ତ କରୁଥିବା ନେଇ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କ ସରକାର ଅନେକ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ଆସନ୍ତା ଶନିବାର ପର୍ଯ୍ୟନ୍ତ କୋଙ୍କଣ ଅଞ୍ଚଳ, ଗୋଆ, କେନ୍ଦ୍ରୀୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଆଜି

କର୍ଣ୍ଣାଟକ ଏବଂ ବିଦର୍ଭର ଉପକୂଳ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ ଏବଂ ସିକ୍କିମ୍‌ରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଏଭଳି ସ୍ଥିତି ଆହୁରି ଦୁଇ ତିନି ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମନା କରିଛି ।